# REGIONAL NEWS UNIT, AIR CUTTACK

## Mid-day Bulletin (2.32 PM)

### 23 June – 2026

**********************************

## ମୁଖ୍ୟ ସମ୍ବାଦ

- ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନୂଆଦିଲ୍ଲୀରେ ଆଜି ୬୫ ଜଣଙ୍କୁ ପ୍ରଦାନ କରିବେ ଦ୍ୱିତୀୟ ପର୍ଯ୍ୟାୟ ପଦ୍ମପୁରସ୍କାର।

  – ଓଡ଼ିଶାର ସୀମାଞ୍ଚଳ ପାତ୍ର, ଶରତ କୁମାର ପାତ୍ର ଏବଂ ଚରଣ ହେମ୍ବ୍ରମ ପାଇବେ ପୁରସ୍କାର।

- ତାମିଲନାଡୁ ଗ୍ୟାସ୍‌ଲିକ୍ ଦୁର୍ଘଟଣାରେ ମୃତ ଓଡ଼ିଆଙ୍କ ପାଇଁ ସହାୟତା ରାଶି ୧୦ ଲକ୍ଷକୁ ବୃଦ୍ଧି କଲେ ରାଜ୍ୟ ସରକାର।

- ରଥଯାତ୍ରା ସୁରୁଖୁରୁରେ ପରିଚାଳନା ନେଇ ଆଇନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଦ୍ୱିତୀୟ ସମନ୍ୱୟ ବୈଠକ ଅନୁଷ୍ଠିତ।

- ଡକ୍ଟର ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଶ୍ରାଦ୍ଧବାର୍ଷିକୀରେ ଦେଶବାସୀ ଦେଲେ ଶ୍ରଦ୍ଧାଞ୍ଜଳି।

ଏବଂ

- ରାଜ୍ୟର ସମସ୍ତ ଅଞ୍ଚଳକୁ ମୌସୁମୀ ଛୁଇଁବା ନେଇ ପାଣିପାଗ ବିଭାଗର ସୂଚନା।

## ପଦ୍ମ ଆୱାର୍ଡ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ନୂଆଦିଲ୍ଲୀରେ ଦ୍ୱିତୀୟ ପର୍ଯ୍ୟାୟରେ ପଦ୍ମ ପୁରସ୍କାର ପ୍ରଦାନ କରିବେ। ଏହି ପର୍ଯ୍ୟାୟରେ ୨ ଜଣଙ୍କୁ ପଦ୍ମ ବିଭୂଷଣ, ୭ ଜଣଙ୍କୁ ପଦ୍ମଭୂଷଣ ଓ ୫୬ ଜଣଙ୍କୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରାଯିବ। ପୂର୍ବରୁ ରାଷ୍ଟ୍ରପତି ପ୍ରଥମ ପର୍ଯ୍ୟାୟ ପଦ୍ମ ପୁରସ୍କାର ପ୍ରଦାନ କରିଥିଲେ। ଏଥିରେ ଓଡ଼ିଶାର ଡକ୍ଟର ମହେନ୍ଦ୍ର ମିଶ୍ର ସମ୍ମାନିତ ହୋଇଥିଲେ। ଚଳିତ ବର୍ଷ ରାଜ୍ୟରୁ ଡକ୍ଟର ମିଶ୍ରଙ୍କ ସହିତ ସୀମାଞ୍ଚଳ ପାତ୍ର, ଶରତ କୁମାର ପାତ୍ର ଏବଂ ଚରଣ ହେମ୍ବ୍ରମ୍ ପଦ୍ମଶ୍ରୀ ପାଇଁ ମନୋନୀତ ହୋଇଛନ୍ତି।

BBSR

## ସହାୟତା ରାଶି ବୃଦ୍ଧି

ତାମିଲନାଡୁର ତିରୁଭଲ୍ଲୁର'ଠାରେ ଗ୍ୟାସ୍ ଲିକ୍ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଓଡ଼ିଆ ଶ୍ରମିକଙ୍କ ନିକଟ ଆତ୍ମୀୟଙ୍କ ପାଇଁ ସହାୟତା ରାଶି ରାଜ୍ୟ ସରକାର ୪ ଲକ୍ଷରୁ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଶ୍ରମିକଙ୍କ ପରିବାରବର୍ଗଙ୍କ ପ୍ରତି ସମବେଦନା ଜ୍ଞାପନ କରିଛନ୍ତି। ଇତିମଧ୍ୟରେ ଗ୍ୟାସ୍ ଲିକ୍ ଦୁର୍ଘଟଣାରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁସଂଖ୍ୟା ୭ କୁ ବୃଦ୍ଧି ପାଇଛି।

ସରକାରଙ୍କ ପକ୍ଷରୁ ଏକ ତିନିଜଣିଆ ବରିଷ୍ଠ ଅଧିକାରୀ ଦଳ ଗତକାଲି ଘଟଣାସ୍ଥଳରେ ପହଞ୍ଚି ତଥ୍ୟ ସଂଗ୍ରହ କରିବା ସହିତ ସେଠାର ପ୍ରଶାସନ

ସହ ସମନ୍ୱୟ ରଖି ପ୍ରଭାବିତ ଓଡ଼ିଆ ଶ୍ରମିକମାନଙ୍କୁ ସମସ୍ତ ପ୍ରକାର ସହଯୋଗ ପ୍ରଦାନ କରୁଥିବା ଜଣାପଡ଼ିଛି। ତାମିଲନାଡୁ ମୁଖ୍ୟମନ୍ତ୍ରୀ ସି. ଯୋଶେଫ ବିଜୟଙ୍କ ନିର୍ଦ୍ଦେଶକ୍ରମେ ଏକ ତିନିଜଣିଆ ତଦନ୍ତ ଦଳ ଗଠନ କରାଯାଇଛି। ଦୁର୍ଘଟଣାର ତଦନ୍ତ କରି ରିପୋର୍ଟ ଦେବାପାଇଁ ତାମିଲନାଡୁ ସରକାରଙ୍କ ପକ୍ଷରୁ କୁହାଯାଇଛି। ତାମିଲନାଡୁର ତିରୁଭଲ୍ଲୁର'ଠାରେ ଗତ ୨୧ ତାରିଖ ଦିନ ଏକ କାରଖାନାରେ ଆମୋନିଆ ଗ୍ୟାସ୍ ନିର୍ଗତ ହେବାଯୋଗୁଁ ଦୁର୍ଘଟଣା ଘଟିଥିଲା।

Puri

## ରଥଯାତ୍ରା ବୈଠକ

ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ପାଇଁ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଦ୍ୱିତୀୟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ରଥଯାତ୍ରା ସମୟରେ ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟରେ ଅତିରିକ୍ତ ଶଯ୍ୟା ବ୍ୟବସ୍ଥା କରାଯିବା ସହ ବିଦ୍ୟୁତ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଲାଇଟ୍ ବ୍ୟବସ୍ଥା, ରେଳବିଭାଗ ପକ୍ଷରୁ ସ୍ୱତନ୍ତ୍ର ଟ୍ରେନ ଚଳାଚଳ ନେଇ ଆଲୋଚନା ହୋଇଛି। ଏ ସମ୍ପର୍କରେ ଆଇନମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି .......

**- V/O –**

Desk

## ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା

ରାଜ୍ୟରେ ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ଆଉ ପାଞ୍ଚଦିନ ମଧ୍ୟରେ ଶେଷ ହେବ। ରାଜ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁସାରେ ପ୍ରାୟ ୯୯ ଦଶମିକ ୮/୬ ପ୍ରତିଶତ ଭୋଟରଙ୍କୁ ପରିଗଣନା ଫର୍ମ ଦିଆଯାଇଛି। ସେମାନଙ୍କ ମଧ୍ୟରୁ ୮୬ ପ୍ରତିଶତରୁ ଅଧିକ ଫର୍ମଗୁଡ଼ିକର କମ୍ପ୍ୟୁଟରୀକରଣ କରାଯାଇଛି। ଗଞ୍ଜାମ ଜିଲ୍ଲା ଭଞ୍ଜନଗର ରାଜସ୍ୱ ଉପଖଣ୍ଡ ଅଧୀନରେ ଥିବା ତିନୋଟି ନିର୍ବାଚନମଣ୍ଡଳୀରେ ୯୦ ପ୍ରତିଶତରୁ ଅଧିକ ପରିଗଣନା ଫର୍ମ, ସୋରଡ଼ା ନିର୍ବାଚନମଣ୍ଡଳୀରେ ୯୩ ପ୍ରତିଶତରୁ ଅଧିକ ପରିଗଣନା ଫର୍ମ ବଣ୍ଟନ କରାଯାଇଛି ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି।

Desk

## ଏସ୍‌ଏଚ୍‌ଭିଆର୍ ୨୦୨୫-୨୬ ପୁରସ୍କାର

କେନ୍ଦ୍ର ସରକାରଙ୍କ ସ୍ୱଚ୍ଛ ଓ ହରିତ୍ ବିଦ୍ୟାଳୟ ମୂଲ୍ୟାଙ୍କନ - ଏସ୍‌ଏଚ୍‌ଭିଆର୍ ୨୦୨୫-୨୬ ପୁରସ୍କାର ନିମନ୍ତେ ଓଡ଼ିଶାର ୧୦ଟି ବିଦ୍ୟାଳୟ ଜାତୀୟ ସ୍ୱୀକୃତି ପାଇବାକୁ ମନୋନୀତ ହୋଇଛନ୍ତି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧିନରେ ଥିବା ଏହି ବିଦ୍ୟାଳୟଗୁଡ଼ିକ ପରିମଳ, ପରିଚ୍ଛନ୍ନତା, ନିରାପଦ ପାନୀୟଜଳର ଉପଲବ୍ଧତା, ସବୁଜିମା ଓ ଜୈବବିବିଧତା, ବର୍ଜ୍ୟବସ୍ତୁ ପରିଚାଳନା ଅଭ୍ୟାସ ଭଳି ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଛନ୍ତି। ରାଜ୍ୟରୁ ପ୍ରାୟ ୨୦ଟି ବିଦ୍ୟାଳୟକୁ ଜାତୀୟସ୍ତରୀୟ ମୂଲ୍ୟାଙ୍କନ ପାଇଁ ନାମ ପଠାଯାଇଥିଲା। ସେଥିମଧ୍ୟରୁ

ମୟୂରଭଞ୍ଜ ଜିଲ୍ଲାର ଖଇରବଣି ଆଶ୍ରମ ସ୍କୁଲ, ନୟାଗଡ଼ର ହାତୀଆଶିଳା ପ୍ରାଥମିକ ବିଦ୍ୟାଳୟ, ଜଗତ୍‌ସିଂହପୁରର ଗୋବିନ୍ଦପୁର ପ୍ରାଥମିକ ବିଦ୍ୟାଳୟ, କେନ୍ଦ୍ରାପଡ଼ାର ବୀଣାପାଣି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କେନ୍ଦୁଝରର ଫୁଲକଅଁଳେଇ ନୋଡାଲ ସ୍କୁଲ, ଖୋର୍ଦ୍ଧା ଜିଲ୍ଲା ସିକୋସ୍ଥିତ ଚନ୍ଦ୍ରଶେଖରଦେବ ସରକାରୀ ହାଇସ୍କୁଲ, ସୋନପୁରର ସାଗରବାଲି ଜି.ଏମ୍. ହାଇସ୍କୁଲ, ଗଜପତି ଜିଲ୍ଲା କଇନପୁରର ମହେନ୍ଦ୍ରତନୟା ଆଶ୍ରମ ସ୍କୁଲ, ସମ୍ବଲପୁରର ବି.ଏମ୍. ପଟ୍ଟନାୟକ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ କନ୍ଧମାଳର ରାବନାଜୁ ପ୍ରାଥମିକ ବିଦ୍ୟାଳୟ ଜାତୀୟ ସ୍ୱୀକୃତି ଲାଭ କରିଛନ୍ତି। ପ୍ରତ୍ୟେକ ପୁରସ୍କାରପ୍ରାପ୍ତ ବିଦ୍ୟାଳୟକୁ ନଗଦ ୧ ଲକ୍ଷ ଟଙ୍କା, ସ୍ୱୀକୃତି ପ୍ରମାଣପତ୍ର ସହିତ ତିନିଦିନିଆ ବାହ୍ୟ ପରିଦର୍ଶନରେ ଅଂଶଗ୍ରହଣ କରିବା ପାଇଁ ସୁଯୋଗ ମିଳିବ।

Nabarangpur

## ଶ୍ୟାମାପ୍ରସାଦ ବଳିଦାନ ଦିବସ

ଦେଶରେ ଆଜି ଡକ୍ଟର ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ୭୩ତମ ଶ୍ରାଦ୍ଧବାର୍ଷିକୀରେ ବଳିଦାନ ଦିବସ ପାଳନ କରାଯାଉଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ’ ଡକ୍ଟର ମୁଖାର୍ଜୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ସାମାଜିକ ଗଣମାଧ୍ୟମରେ ଉଲ୍ଲେଖ କରିଛନ୍ତି, ଶ୍ୟାମାପ୍ରସାଦ ମୁଖାର୍ଜୀ ଦେଶର ଅଖଣ୍ଡତାକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ଅତୁଳନୀୟ ସାହସ ଓ ପ୍ରୟାସ

ପ୍ରଦର୍ଶନ କରିଥିଲେ। ରାଷ୍ଟ୍ର ନିର୍ମାଣରେ ତାଙ୍କର ଅମୂଲ୍ୟ ଅବଦାନ ସର୍ବଦା ସ୍ମରଣ ହୋଇ ରହିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ' ଡକ୍ଟର ମୁଖାର୍ଜୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ଡକ୍ଟର ମୁଖାର୍ଜୀ' ରାଷ୍ଟ୍ରୀୟ ଏକତା ଓ ଅଖଣ୍ଡତାର ପ୍ରତୀକ, ମହାନ୍ ଶିକ୍ଷାବିତ୍, ପ୍ରମୁଖ ରାଷ୍ଟ୍ରବାଦୀ ତଥା ଜନସଂଘର ସଂସ୍ଥାପକ ଥିଲେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ଡକ୍ଟର ମୁଖାର୍ଜୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ଦେଶପ୍ରତି ତାଙ୍କର ବଳିଦାନ ଚିରସ୍ମରଣୀୟ ହୋଇ ରହିବ ବୋଲି ଉଲ୍ଲେଖ କରିଛନ୍ତି।

ରାଜ୍ୟର ବିଭିନ୍ନ ସ୍ଥାନରେ ଡକ୍ଟର ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ ପାଳନ କରାଯାଉଛି । ଏହି ପରିପ୍ରେକ୍ଷୀରେ ଆଜି ସକାଳେ ଭୁବନେଶ୍ୱର ସତ୍‌ସଙ୍ଗ ବିହାରସ୍ଥିତ ଡକ୍ଟର ଶ୍ୟାମାପ୍ରସାଦ ମୁଖାର୍ଜୀ ପାର୍କରେ ବିଶିଷ୍ଟ ଅତିଥିମାନେ ଡକ୍ଟର ମୁଖାର୍ଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ସନ୍ଧ୍ୟାରେ ଭୁବନେଶ୍ୱର ଜୟଦେବ ଭବନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ବାଚସ୍ପତି ସୁରମା ପାଢ଼ୀ ଯୋଗଦେବେ।

**ନବରଙ୍ଗପୁର** ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ସାଂସଦ ବଳଭଦ୍ର ମାଝୀ, ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ

ଗୌରୀଶଙ୍କର ମାଝୀ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମୁଖାର୍ଜୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

Desk

## ଓଟିଇଟି ପରୀକ୍ଷାସୂଚୀ

ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା – ଓଟିଇଟି ପରୀକ୍ଷା ଆସନ୍ତା ଜୁଲାଇ ମାସ ୫ ତାରିଖରେ ହେବ ବୋଲି ପରିଷଦ ପକ୍ଷରୁ କୁହାଯାଇଛି। ଚଳିତ ମାସ ୨୮ ତାରିଖରେ ପୂର୍ବରୁ ଏହି ପରୀକ୍ଷା କରିବା ନେଇ ଦିନଧାର୍ଯ୍ୟ ହୋଇଥିଲା। ପରିବର୍ତ୍ତିତ ସୂଚୀ ଅନୁଯାୟୀ ଜୁଲାଇ ୫ ତାରିଖ ସକାଳ ୯ଟାରୁ ସାଢ଼େ ୧୧ଟା ମଧ୍ୟରେ ପ୍ରଥମ ପେପର ଏବଂ ଅପରାହ୍ନ ୨ଟାରୁ ସାଢ଼େ ୪ଟା ମଧ୍ୟରେ ଦ୍ୱିତୀୟ ପେପର ପରୀକ୍ଷା ହେବ। ଅନ୍ୟପକ୍ଷରେ ଚଳିତ ମାସ ୨୮ ତାରିଖରେ ହେବାକୁ ଥିବା ପୂର୍ବନିର୍ଦ୍ଧାରିତ ଆର୍.ଆଇ, ଅମିନ ପରୀକ୍ଷାସୂଚୀରେ କୌଣସି ପରିବର୍ତ୍ତନ କରାଯାଇନାହିଁ।

Desk

## ତ୍ରୁଟିଶୂନ୍ୟ ପୁସ୍ତକ

ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରକାଶିତ ପୁସ୍ତକଗୁଡ଼ିକୁ ତ୍ରୁଟିଶୂନ୍ୟ ଭାବେ ପିଲାମାନଙ୍କ ପାଖରେ ପହଞ୍ଚାଯିବା ନେଇ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏକ ଉଚ୍ଚସ୍ତରୀୟ ବୈଠକରେ ଆଲୋଚନା କରିଛନ୍ତି। ପୁସ୍ତକ ପ୍ରକାଶନର ସମ୍ପାଦନା ମଣ୍ଡଳୀ ଦ୍ୱାରା ତ୍ରୁଟି ସଂଶୋଧନ କରାଯାଇଛି

ଏବଂ ଖୁବ୍‌ଶୀଘ୍ର ସଂଶୋଧିତ ପୁସ୍ତକ ଛାପିବା ପାଇଁ ସରକାର ଯୋଜନା କରୁଛନ୍ତି। ସଂଶୋଧିତ ପୁସ୍ତକଗୁଡ଼ିକରେ ଡିଜିଟାଲ ବାର୍‌କୋଡ ସ୍ଥାନିତ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି। ବାର୍‌କୋଡକୁ ମୋବାଇଲ୍ ଦ୍ୱାରା ସ୍କାନ କରିବା ପରେ ସଂଶୋଧିତ ପୁସ୍ତକର ସଫ୍ଟକପି ମିଳିପାରିବ, ଯାହାକୁ ପ୍ରିଣ୍ଟ କରି ଶିକ୍ଷକ ଶିକ୍ଷୟିତ୍ରୀମାନେ ପିଲାମାନଙ୍କୁ ପଢ଼ାଇବେ।

Nabarangpur

## କ୍ଷତିପୂରଣ ରାଶି ପ୍ରଦାନ

ଜୟପୁର ରେଳପ୍ରକଳ୍ପ ସକାଶେ ହୋଇଥିବା ଜମି ଅଧିଗ୍ରହଣ ବାବଦ କ୍ଷତିପୂରଣ ରାଶି ଆଜି ପ୍ରଦାନ କରାଯାଇଛି। ଜିଲ୍ଲାପାଳ ଡକ୍ଟର ମହେଶ୍ୱର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ସାଂସଦ ବଳଭଦ୍ର ମାଝୀ, ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ବିଧାୟକ ଗୌରୀଶଙ୍କର ମାଝୀ ଉପସ୍ଥିତ ରହି ଜିଲ୍ଲାର ନନ୍ଦାହାଣ୍ଡି ତହସିଲ ଅନ୍ତର୍ଗତ ୪ଟି ଗ୍ରାମର ୨୩୭ ଜଣ ହିତାଧିକାରୀଙ୍କୁ କ୍ଷତିପୂରଣ ବାବଦରେ ୨୫୫ କୋଟି ୨୬ ଲକ୍ଷ ୪୯ ହଜାର ୯୨୮ ଟଙ୍କା ବଣ୍ଟନ କରିଛନ୍ତି।

Bhadrak

## ଶିଶୁ ଶ୍ରମ ନିରାକରଣ ଆଇନ

ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ପକ୍ଷରୁ ରାଜ୍ୟସ୍ତରୀୟ ଶିଶୁ ଶ୍ରମ ନିରାକରଣ ଅଭିଯାନ ଏବଂ ଶିଶୁ କିଶୋର ଶ୍ରମ ନିଷେଧ,

ନିୟନ୍ତ୍ରଣ ଆଇନ-୧୯୮୬ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଭଦ୍ରକ ଡିଆର୍‌ଡିଏ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଶିଶୁ ସୁରକ୍ଷା ଆୟୋଗର ସଦସ୍ୟା ଏବଂ ଜିଲ୍ଲା ଅଧିକାରୀମାନେ ଯୋଗଦେଇ ଶିଶୁ ଶ୍ରମିକଙ୍କ ସୁରକ୍ଷା ଉପରେ ସଚେତନତା ବୃଦ୍ଧି ପାଇଁ ପରାମର୍ଶ ଦେଇଥିଲେ।

Gajapati

## ଆତ୍ମସୁରକ୍ଷା ତାଲିମ

ଗଜପତି ଜିଲ୍ଲା ଗୋସାଣି ବ୍ଲକ ଗୁରାଣ୍ଡିସ୍ଥିତ ମୀନକେତନ ସ୍ନାତକ ମହାବିଦ୍ୟାଳୟ ପରିସରରେ ଛାତ୍ରୀଙ୍କ ସୁରକ୍ଷା ଓ ସଶକ୍ତୀକରଣ ସମ୍ପର୍କିତ ଏକ ଆତ୍ମସୁରକ୍ଷା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଗୋଦାବରୀ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆତ୍ମସୁରକ୍ଷା ପ୍ରଶିକ୍ଷକ ଶକ୍ତିଶ୍ରୀ ସଂଯୋଜକ ଏବଂ ପ୍ରଶାସନିକ ଅଧିକାରୀମାନେ ଯୋଗଦେଇ ଛାତ୍ରୀମାନଙ୍କୁ ଅପ୍ରତ୍ୟାଶିତ ଆପାତକାଳୀନ ପରିସ୍ଥିତିରେ ଧୈର୍ଯ୍ୟ, ସାହସ ଓ କୌଶଳ ପ୍ରୟୋଗ କରି ଆତ୍ମସୁରକ୍ଷା ପାଇଁ ସଚେତନ ରହିବା ନେଇ ପରାମର୍ଶ ଦେଇଥିଲେ।

HS

## ପାଣିପାଗ

ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ରାଜ୍ୟର ସମସ୍ତ ଅଞ୍ଚଳକୁ ଛୁଇଁଥିବା ନେଇ ପାଣିପାଗ ବିଭାଗ ପକ୍ଷରୁ ସୂଚନା ମିଳିଛି। ଉପକୂଳ ସମେତ

ଦକ୍ଷିଣ, ପଶ୍ଚିମ ଓ ଆଭ୍ୟନ୍ତରୀଣ ଜିଲ୍ଲାଗୁଡ଼ିକରେ ବର୍ଷାର ପରିମାଣ ବୃଦ୍ଧି ପାଇବ। ଗତ ୨୪ ଘଣ୍ଟା ମଧ୍ୟରେ ନବରଙ୍ଗପୁର ଜିଲ୍ଲାର ତେନ୍ତୁଳିଖୁଣ୍ଟିଠାରେ ସର୍ବାଧିକ ୭୨ ମିଲିମିଟର ବର୍ଷା ହୋଇଯାଇଛି। ସମ୍ବଲପୁର ଜିଲ୍ଲାର ବାମ୍ରାଠାରେ ୬୪ ଦଶମିକ ୪ ମିଲିମିଟର ଏବଂ କୋରାପୁଟଠାରେ ୫୧ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ପାଣିପାଗ ବିଭାଗର ସୂଚନା ଅନୁସାରେ ଆସନ୍ତା ୭ ଦିନ ପର୍ଯ୍ୟନ୍ତ ରାଜ୍ୟର ପ୍ରାୟ ସବୁ ଅଞ୍ଚଳରେ ସାମାନ୍ୟରୁ ମଧ୍ୟମ ଧରଣର ବର୍ଷା ହେବ।